# NATIONAL NEWS BULLETIN (ODIA)

**22 December - 2025**

**Morning Bulletin : 7.15 a.m.**

******************************

## ମୁଖ୍ୟ ସମ୍ବାଦ

- ଶାନ୍ତିବିଲ୍‌କୁ ଅନୁମୋଦନ ପ୍ରଦାନ କଲେ ରାଷ୍ଟ୍ରପତି ।
- ବିକଶିତ ଭାରତ ନିର୍ମାଣରେ ଦେଶର ଚାଷୀ ଓ ଅନ୍ନଦାତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ - କହିଲେ ପ୍ରଧାନମନ୍ତ୍ରୀ ।
- ଆରାବଳି ପର୍ବତମାଳା ଅଞ୍ଚଳରେ ଖଣିଜ ଖନନ ଆଇନ୍ ଆଧାରରେ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ସ୍ପଷ୍ଟ କଲେ ପରିବେଶ ଓ ଜଙ୍ଗଲ ମନ୍ତ୍ରୀ ।
- ବିଶିଷ୍ଟ ଗଣିତଜ୍ଞ ଶ୍ରୀନିବାସ ରାମାନୁଜନଙ୍କ ଜନ୍ମବାର୍ଷିକୀ ଅବସରରେ ଆଜି ପାଳିତ ହେଉଛି ଜାତୀୟ ଗଣିତ ଦିବସ ।

ଏବଂ

- ବିଶାଖାପାଟଣା ମହିଳା ଟି-୨୦ ଆର୍ନ୍ତଜାତିକ କ୍ରିକେଟ୍ ମ୍ୟାଚ୍‌ରେ ଶ୍ରୀଲଙ୍କା ବିପକ୍ଷରେ ଭାରତ ୮ ଓ୍ୱିକେଟ୍‌ରେ ବିଜୟୀ ।

## ପ୍ରେଜ୍-ଶାନ୍ତି ବିଲ୍

ପରିବର୍ତ୍ତିତ ଭାରତ ପାଇଁ ପରମାଣୁ ଶକ୍ତିର ନିରନ୍ତର ଉପଯୋଗ ତଥା ଉନ୍ନତ ପରମାଣୁ ଶକ୍ତି (ଶାନ୍ତି) ବିଲ୍ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅନୁମୋଦନ ଲାଭ

କରିଛି । ସଂସଦର ଶୀତକାଳୀନ ଅଧିବେଶନରେ ଏହି ବିଲ୍ ଉଭୟ ସଦନରେ ପାରିତ ହୋଇଥିଲା । ପରମାଣୁ ଶକ୍ତି କ୍ଷେତ୍ର ସହିତ ଘରୋଇ ଉଦ୍ୟୋଗକୁ ସାମିଲ କରିବା ନେଇ ଏହି ବିଲ୍‌ରେ ବ୍ୟବସ୍ଥା ରହିଛି । ପରମାଣୁ ଶକ୍ତି ଆଇନ୍ ୧୯୬୨ ଏବଂ ପରମାଣୁ ବିପଦ କ୍ଷେତ୍ରରେ ନାଗରିକଙ୍କ ଦାୟିତ୍ୱ ଆଇନ୍ ୨୦୧୦ ବଦଳରେ ଶାନ୍ତି ଆଇନ୍ ଲାଗୁ ହେବ । ବେସାମରିକ ପରମାଣୁ କ୍ଷେତ୍ରର ଅଭିବୃଦ୍ଧିରେ ଏହା ସହାୟକ ହେବ । ଘରୋଇ କମ୍ପାନୀ ଏବଂ ମିଳିତ ଉଦ୍ୟୋଗଗୁଡ଼ିକ ସରକାରଙ୍କ ଅନୁମୋଦନ ଆଧାରରେ ପରମାଣୁ ଶକ୍ତି କେନ୍ଦ୍ର ନିର୍ମାଣ, ମାଲିକାନା, ପରିଚାଳନା ଆଦିରେ ସାମିଲ ହେବା ନେଇ ଏହି ବିଲ୍‌ରେ ବ୍ୟବସ୍ଥା ଅଛି ।

# ପିଏମ୍ ଆସାମ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ବିକଶିତ ଭାରତ ନିର୍ମାଣରେ ଦେଶର ଚାଷୀ ଏବଂ ଅନ୍ନଦାତାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସରକାର କୃଷକଙ୍କ ସ୍ୱାର୍ଥକୁ ସର୍ବୋଚ୍ଚ ପ୍ରାଥମିକତା ପ୍ରଦାନ କରୁଛନ୍ତି ବୋଲି ସେ କହିଛନ୍ତି । କୃଷକ ଅନୁକୂଳ ଯୋଜନା ଗୁଡ଼ିକୁ ଅଧିକ ବ୍ୟାପକ କରାଯାଉଛି । ଆସାମର ଦିବ୍ରୁଗଡ ନାମରୁପଠାରେ ଗତକାଲି ଆମୋନିଆ ୟୁରିୟା ସାର ପ୍ରକଳ୍ପର ଶିଳାନ୍ୟାସ କରିବା ଅବସରରେ ପ୍ରଧାନମନ୍ତ୍ରୀ ଏହା କହିଛନ୍ତି ।

**V/O (PM Welfare)**

୧୦ହଜାର ୬୦୧ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଏହି ସାର କାରଖାନାରୁ ବାର୍ଷିକ ୧୨ଲକ୍ଷ ୭୦ହଜାର ଟନ୍ ୟୁରିଆ ସାର ଉତ୍ପାଦନର

ଲକ୍ଷ୍ୟ ରଖାଯାଇଛି । ୨୦୩୦ ମସିହା ସୁଦ୍ଧା ଏହା କାର୍ଯ୍ୟକ୍ଷମ ହେବ । ସାରର ନିରନ୍ତର ଯୋଗାଣକୁ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱପ୍ରଦାନ କରି ପ୍ରଧାନମନ୍ତ୍ରୀ କହିଛନ୍ତି ସ୍ଥାନୀୟ ଭାବରେ ଉତ୍ପାଦନ ବୃଦ୍ଧି ପାଇବା ସହ ତ୍ୱରିତ ଯୋଗାଣ ଯୋଗୁଁ ଆନୁଷଙ୍ଗିକ ଖର୍ଚ୍ଚ ହ୍ରାସ ପାଇବ । ଏହି ପ୍ଲାଣ୍ଟ କାର୍ଯ୍ୟକ୍ଷମ ହେଲେ ନିଯୁକ୍ତି ତଥା ଆତ୍ମନିଯୁକ୍ତି କ୍ଷେତ୍ର ଅଧିକ ବୃଦ୍ଧି ପାଇବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । କେନ୍ଦ୍ରର ପାମ୍ ତେଲ ମିଶନ ଉତ୍ତରପୂର୍ବକୁ ଖାଦ୍ୟ ଉପଯୁକ୍ତ ତେଲରେ ସ୍ୱାବଲମ୍ବୀ କରିବା ସହିତ ଆଗାମୀ ଦିନରେ ଚାଷୀଙ୍କ ଆୟ ବୃଦ୍ଧି କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

# ଆରାବଳି ପ୍ରୋଟେକ୍ସନ କ୍ଲାରିଫିକେସନ

ଆରାବଳି ପର୍ବତମାଳା ଅଞ୍ଚଳରେ କଠୋର ଖଣିଜ ଖନନ ଆଇନ୍‌କୁ ବଳବତ୍ତର ରଖାଯାଇଥିବା ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ସ୍ପଷ୍ଟ କରିଛନ୍ତି । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଆଧାରିତ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ସେ କହିଛନ୍ତି । ୟୁ-ଟ୍ୟୁବ୍‌ରେ ଆରାବଳି ପର୍ବତରେ ଚାଲିଥିବା ବିତର୍କର ସ୍ପଷ୍ଟୀକରଣ ଦେଇ ଶ୍ରୀ ଯାଦବ କହିଛନ୍ତି ଆରାବଳି ପର୍ବତମାଳାର ସୀମା ଦିଲ୍ଲୀ, ରାଜସ୍ଥାନ, ହରିୟାଣା ଏବଂ ଗୁଜୁରାଟକୁ ବ୍ୟାପିଛି । ଦେଶ ପାଇଁ ଏହା ଏକ ପ୍ରାକୃତିକ ଐତିହ୍ୟ ଏବଂ ପରିବେଶ ସୁରକ୍ଷା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି । ଆରାବଳି

ପର୍ବତମାଳାର ସୁରକ୍ଷା ଲାଗି ସମାନ ପରିଭାଷା ନିରୂପଣ କରିବାକୁ ସୁପ୍ରିମକୋର୍ଟଙ୍କ ପରାମର୍ଶ ରହିଛି । ସରକାର ଏ ଦିଗରେ ଏକ ସ୍ପଷ୍ଟ ଏବଂ ବୈଜ୍ଞାନିକ ପରିଭାଷା ପ୍ରସ୍ତୁତ କରିଛନ୍ତି । ପାହାଡ଼ର ମୂଳ ଅର୍ଥାତ୍ ଭୂତଳ ଉତ୍ପତ୍ତିଠାରୁ ୧୦୦ମିଟର ଯାଏଁ ଖନନକୁ ବାରଣ କରାଯାଇଛି । ପର୍ବତମାଳାର ଦୁଇଟି ପାହାଡ଼ ମଧ୍ୟରେ ଦୂରତା ୫୦୦ମିଟର ରହିଛି, ଏବଂ ଏହି ଅଞ୍ଚଳକୁ ସଂରକ୍ଷିତ ରଖିବା ପାଇଁ ମଧ୍ୟ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି । ଦିଲ୍ଲୀରେ ଥିବା ଆରାବଳିର ସମସ୍ତ ଅଞ୍ଚଳରେ ଖଣିଜ ଉତ୍ତୋଳନକୁ ନିଷେଧ କରାଯାଇଛି । ପର୍ବତମାଳାର ସମୁଦାୟ ୧ଲକ୍ଷ ୪୭ହଜାର ବର୍ଗ କିଲୋମିଟର ମଧ୍ୟରୁ ମାତ୍ର ୨୧୭ ବର୍ଗ କିଲୋମିଟର ଅର୍ଥାତ୍ ୨ ପ୍ରତିଶତ ଅଞ୍ଚଳରେ ଖଣିଜ ଉତ୍ତୋଳନ କରାଯାଇପାରିବ । ଏଥିପାଇଁ ରହିଥିବା ନିୟମାବଳୀର ଅନୁପାଳନକୁ ସରକାର ଗୁରୁତ୍ୱପ୍ରଦାନ କରୁଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଆରାବଳିର ସୁରକ୍ଷା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ଯାଦବ କହିଛନ୍ତି । ଦାୟିତ୍ୱପୂର୍ଣ୍ଣ ବିକାଶ ସହିତ ସଂରକ୍ଷଣକୁ ସନ୍ତୁଳିତ କରିବା ଲକ୍ଷ୍ୟନେଇ ଆରାବଳି ପର୍ବତମାଳାକୁ ବର୍ତ୍ତମାନ ଏବଂ ଭବିଷ୍ୟତ ପୀଢ଼ି ପାଇଁ ସୁରକ୍ଷିତ ରଖାଯିବ ବୋଲି ମନ୍ତ୍ରୀ ଶ୍ରୀ ଯାଦବ କହିଛନ୍ତି ।

## ନ୍ୟାସନାଲ ମ୍ୟାଥମେଟିକ୍ସ ଡେ

ବିଶିଷ୍ଟ ଗଣିତଜ୍ଞ ଶ୍ରୀନିବାସ ରାମାନୁଜନଙ୍କ ଜନ୍ମବାର୍ଷିକୀ ସ୍ମରଣ କରି ଆଜି ଦେଶବ୍ୟାପୀ ଜାତୀୟ ଗଣିତ ଦିବସ ପାଳିତ କରାଯାଉଛି । ଗଣିତ କ୍ଷେତ୍ରରେ ରାମାନୁଜନଙ୍କ ଅବଦାନକୁ ସ୍ୱୀକୃତି ଦେବା ଲକ୍ଷ୍ୟନେଇ ୨୦୧୧ ମସିହାରୁ କେନ୍ଦ୍ର ସରକାର ଡିସେମ୍ବର ୨୨ ତାରିଖରେ ଏହି ଦିବସ ପାଳନ କରିବାକୁ ଘୋଷଣା କରିଥିଲେ । ୨୦୧୨ ଦେଶବ୍ୟାପୀ ଜାତୀୟ ଗଣିତବର୍ଷ ଭାବେ ପାଳନ କରାଯାଇଥିଲା । ଗାଣିତିକ ଶିକ୍ଷା ଏବଂ ଗବେଷଣାକୁ ଅଧିକ ପ୍ରୋତ୍ସାହନ ପ୍ରଦାନ କରିବା ଏହି ଦିବସ ପାଳନର ଅନ୍ୟତମ ଉଦ୍ଦେଶ୍ୟ । ଦୈନନ୍ଦିନ ଜୀବନରେ ଗଣିତର ଗୁରୁତ୍ୱକୁ ଉପଲବ୍ଧି କରିବା ଲକ୍ଷ୍ୟ ନେଇ ଏହି ଦିବସ ପାଳନ ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନ, ଗବେଷଣା ସଂସ୍ଥା ଏବଂ ଶିକ୍ଷାଗତ ପ୍ରତିଷ୍ଠାନ ଗୁଡ଼ିକରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ।

## ବାଂଲାଦେଶ – ମର୍ଡର

ବାଂଲାଦେଶରେ ଇନ୍‌କିଲାବ ମଞ୍ଚର ମୁଖପାତ୍ର ସରିଫ ଓସମାନ ବିନ୍ ହାଦିକଙ୍କ ହତ୍ୟାର ମୁଖ୍ୟ ସନ୍ଦିଗ୍ଧ ଫୈଜଲ କରିମ ମାସୁଦ ଦେଶଛାଡି ପଳାୟନ କରିଥିବା ନେଇ କୌଣସି ସ୍ପଷ୍ଟ ସୂଚନା ନାହିଁ ବୋଲି ବାଂଲାଦେଶ ପୁଲିସ କହିଛି । ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ ଖଣ୍ଡକର ରଫିକୁଲ ଇସ୍‌ଲାମ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଫୈଜଲଙ୍କୁ ଧରିବା ପାଇଁ ସକ୍ରିୟ ପଦକ୍ଷେପ

ଗ୍ରହଣ କରାଯାଉଛି । ଏହି ହତ୍ୟା ସହିତ କୌଣସି ରାଜନୈତିକ ଦଳ ସାମିଲ ହେବା ନେଇ ତଥ୍ୟ ପୁଲିସ ପାଖରେ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି ।

ଅନ୍ୟପକ୍ଷରେ ମାନବାଧିକାର ସଂଗଠନ ଏଇନ ଓ ସାଲିକକେନ୍ଦ୍ର-ଏଏସ୍‌କେ ମଇମନସିଂହର ଦୀପୁ ଚନ୍ଦ୍ର ଦାସ ଏବଂ ଲକ୍ଷ୍ମୀପୁରରେ ଜଣେ ୭ ବର୍ଷର ଝିଅର ଆକ୍ରମଣରେ ପୋଡ଼ି ହତ୍ୟାକୁ ଦୃଢ଼ ନିନ୍ଦା କରିଛି । ଦେଶରେ ଆଇନ୍‌ଶୃଙ୍ଖଳା ପରିସ୍ଥିତିର ଅବନତି ଏବଂ ଦଣ୍ଡମୁକ୍ତ ସଂସ୍କୃତିକୁ ଏହା ପ୍ରତିଫଳନ କରୁଛି ବୋଲି ସଂଗଠନ କହିଛି ।

ହିନ୍ଦୁ ସମ୍ପ୍ରଦାୟର ଜଣେ ସଦସ୍ୟ ଦୀପୁଙ୍କୁ ଗତ ୧୮ ତାରିଖରେ ଭାଲୁକା ଉପଜିଲ୍ଲାରେ ପିଟିପିଟି ହତ୍ୟା କରାଯାଇଥିବା ନେଇ ଅଭିଯୋଗ ରହିଛି । ପରେ ତାଙ୍କ ମୃତଦେହକୁ ଗଛରେ ବାନ୍ଧି ନିଆଁ ଲଗାଇ ଦିଆଯାଇଥିଲା । କୌଣସି ନିର୍ଦ୍ଦିଷ୍ଟ ଧର୍ମ ବିଷୟରେ ଦୀପୁ ଅପମାନଜନକ ମନ୍ତବ୍ୟ ଦେଇଥିବା ନେଇ ତାଙ୍କୁ ହତ୍ୟା କରାଯାଇଥିବା କୁହାଯାଉଛି । ତେବେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ବାହିନୀ କହିଛି ଦୀପୁ ସେଭଳି କୌଣସି ମନ୍ତବ୍ୟ ଦେଇଥିବାର ପ୍ରମାଣ ମିଳିନାହିଁ । ଗଣମାଧ୍ୟମ ସଂସ୍ଥାଗୁଡ଼ିକ ଉପରେ ବାଂଲାଦେଶରେ ହୋଇଥିବା ସାଂପ୍ରତିକ ହିଂସା ଏବଂ ଆକ୍ରମଣକୁ ବିଶ୍ୱବ୍ୟାପୀ ବିଭିନ୍ନ ସ୍ତରରେ ବ୍ୟାପକ ନିନ୍ଦା କରାଯାଇଛି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ଉପଭୋକ୍ତା ଅଧିକାର ଓ ଦାୟିତ୍ୱ** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ଉପଭୋକ୍ତା ବ୍ୟାପାର ବିଭାଗର ସଚିବ ନିଧି ଖରେ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23717117, 23314444, 23310481 ଏବଂ 23717106 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

## ଦିବ୍ୟକଳା ମେଳା

ନୂଆଦିଲ୍ଲୀର କର୍ତ୍ତବ୍ୟପଥଠାରେ ଚାଲିଥିବା ଦିବ୍ୟକଳା ମେଳାର ୨୮ତମ ସଂସ୍କରଣ ଉଦ୍‌ଯାପିତ ହୋଇଛି । ୯ଦିନିଆ ଏହି ମେଳାରେ ସମଗ୍ର ଦେଶରୁ ଦିବ୍ୟାଙ୍ଗଜନଙ୍କ ସୃଜନଶିଳତା, ନିରନ୍ତରତା ଏବଂ ଉଦ୍ୟୋଗୀ ମନୋଭାବକୁ ପ୍ରଦର୍ଶନ କରିଛି । ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରଣାଳୟ ଅଧିନସ୍ଥ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦ୍ୱାରା ଆୟୋଜିତ ଏହି ମେଳାରେ ୨୦ଟି

ରାଜ୍ୟର ୧୦୦ରୁ ଅଧିକ ଦିବ୍ୟାଙ୍ଗ କାରିଗର ଓ ଉଦ୍ୟୋଗୀ ଯୋଗ ଦେଇଥିଲେ । ଗତକାଲିର ଉଦ୍‌ଯାପନୀ ସମାରୋହରେ ଦିବ୍ୟାଙ୍ଗ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ୱିମେନ୍ ଟି-୨୦ କ୍ରିକେଟ

ଭାରତ-ଶ୍ରୀଲଙ୍କା ମହିଳା ଟି-୨୦ ଆନ୍ତର୍ଜାତିକ କ୍ରିକେଟ୍ ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଭାରତ ବିଜୟୀ ହୋଇଛି । ବିଶାଖାପାଟନମଠାରେ ଗତସନ୍ଧ୍ୟାରେ ଖେଳାଯାଇଥିବା ମ୍ୟାଚ୍‌ରେ ଭାରତ ଶ୍ରୀଲଙ୍କାକୁ ୮ୱିକେଟ୍‌ରେ ପରାସ୍ତ କରିଛି । ଭାରତ ଟସ୍ ଜିତି ଶ୍ରୀଲଙ୍କାକୁ ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରିତ କରିଥିଲା । ନିର୍ଦ୍ଧାରିତ ୨୦ ଓଭରରେ ଶ୍ରୀଲଙ୍କା ୬ ୱିକେଟ୍ ବିନିମୟରେ ୧୨୧ରନ୍ ସଂଗ୍ରହ କରିଥିଲା । ୧୨୨ରନ୍‌ର ବିଜୟଲକ୍ଷ୍ୟକୁ ଭାରତ ୧୪ଓଭର ୪ଟି ବଲ୍‌ରେ ୨ ୱିକେଟ୍ ବିନିମୟରେ ହାସଲ କରିପାରିଥିଲା । ଦଳପକ୍ଷରୁ ଜେମିମା ରୋଡ୍ରିଗିଜ୍ ୪୪ ବଲ୍‌ରୁ ୬୯ରନ୍‌ର ପାଳି ଖେଳି ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି । ହରମନ୍‌ପ୍ରୀତ୍ କୌର୍‌ଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଖେଳୁଥିବା ଏହି ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆସନ୍ତାକାଲି ବିଶାଖାପାଟନମଠାରେ ଖେଳାଯିବ । ଅନ୍ୟ ୩ଟି ମ୍ୟାଚ୍ ତିରୁବନନ୍ତପୁରମ୍‌ଠାରେ ଅନୁଷ୍ଠିତ ହେବ ।